# ତହସିଲ କାର୍ଯ୍ୟାଳୟ, ଝୁମ୍ପୁରା, ଜିଲ୍ଲା-କେନ୍ଦୁଝର

**ଲଘୁ ଖଣିଜ ସମ୍ପଦ ଲିଜ୍ ନିମନ୍ତେ ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା ୨୫୨୭/ ତାରିଖ 10.08.2022

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଝୁମ୍ପୁରା ତହସିଲର ନିମ୍ନଲିଖିତ ସୂଚୀ ବର୍ଣ୍ଣିତ **(Annexure-A)** ଲଘୁ ଖଣିଜ ଦ୍ରବ୍ୟ ବାଲି ଉତ୍ସ ଗୁଡିକ ଆସନ୍ତା ୦୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୨ -୨୩ ଆର୍ଥିକ ବର୍ଷ ଠାରୁ ୨୦୨୬ -୨୦୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦୀର୍ଘମିଆଦି ଲିଜ୍ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ **OMMC Rules-2016** ର **Form-M** ପୂରଣ କରି ତିନି କପି **(3 Copies)** ସହ ଦରଖାସ୍ତକୁ ଜଉମୁଦା ଲଫାପାରେ **ରେଜିଷ୍ଟ୍ରି ଡାକ /speed post** ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା **ଜଉମୁଦ ଟେଣ୍ଡର ବାକ୍ସରେ ବ୍ୟକ୍ତିଗତ** ଭାବେ **ତା.୧୦.୦୮.୨୦୨୨ ରିଖ ଠାରୁ ତା. ୨୯.୦୮.୨୦୨୨ରିଖ ସୁଦ୍ଧା** ଯେ କୌଣସି କାର୍ଯ୍ୟ ଦିବସରେ ଧାର୍ଯ୍ୟ ନିର୍ଘଣ୍ଟ ସମୟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ବିସ୍ତୃତ ବିଜ୍ଞାପନର ସବିଶେଷ ବିବରଣୀ ତହସିଲ କାର୍ଯ୍ୟାଳୟ, ଝୁମ୍ପୁରା ତଥା କେନ୍ଦୁଝର ଜିଲ୍ଲା ୱେବ ସାଇଟ (website) : **www.kendujhar.nic.in** ରେ ଉପଲବ୍ଧ ଅଟେ ।

**ଆବେଦନ କରିବାର ଠିକଣା :**
**ତହସିଲଦାରଙ୍କ କାର୍ଯ୍ୟାଳୟ, ଝୁମ୍ପୁରା**
**ଗ୍ରା/ପୋ. ଅ./ ଥାନା :- ଝୁମ୍ପୁରା**
**ଜିଲ୍ଲା :-କେନ୍ଦୁଝର , ଓଡ଼ିଶା -୭୫୮୦୩୧**

(ସ୍ୱାକ୍ଷର)
ତହସିଲଦାର-ତଥା- କ୍ଷମତା ଅଧିକାରୀ, ଝୁମ୍ପୁରା

## Annexure-A

**ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ସୈରାତ ଉତ୍ସର ବିସ୍ତାରିତ ବିବରଣୀ ।**

| କ୍ରନଂ . | ରାଜସ୍ୱ ମଣ୍ଡଳର ନାମ | ସୈରାତ ଉତ୍ସର ବିବରଣୀ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (ଏକର) | ସର୍ବନିମ୍ନ ରୟାଲଟି ମୂଲ୍ୟ Per CuM | ସର୍ବନିମ୍ନ ଅତିରିକ୍ତ ଦେୟ Per CuM | ସର୍ବନିମ୍ନ ଧାର୍ଯ୍ୟ ବାର୍ଷିକ ଉତ୍ତୋଳନ (MGQ) | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି (Earnest Money) ର ପରିମାଣ ( Rs. ) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୦୧ | ଝୁମ୍ପୁରା | ଅର୍ଶଳା ବାଲି ଖଣି | ଅର୍ଶଳା | ୪୦୧ | ୧ | ୧୦.୨୫ | ୩୫ | ୨୧୦. | ୪୧୦୦ | ୮,୬୧,୦୦୦.୦୦, |
| ୦୨ | ଝୁମ୍ପୁରା | ଖେଣ୍ଡରା ବାଲି ଖଣି (ବି୧) | ଖେଣ୍ଡରା | ୨୭୩ | ୨୩୪୫ ଓ ୨୩୪୫/ ୨୩୫୪ | ୧୦.୯୦ | ୩୫ | ୧୦୦ | ୫୮୨୦ | ୫,୮୨,୦୦୦.୦୦ |

(ସ୍ୱାକ୍ଷର)
ତହସିଲଦାର-ତଥା- କ୍ଷମତା ଅଧିକାରୀ, ଝୁମ୍ପୁରା

# ତହସିଲ କାର୍ଯ୍ୟାଳୟ, ଝୁମ୍ପୁରା, ଜିଲ୍ଲା-କେନ୍ଦୁଝର

## ଲଘୁ ଖଣିଜ ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିସ୍ତୃତ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଝୁମ୍ପୁରା ତହସିଲ ଅନ୍ତର୍ଗତ ସୂଚୀରେ ବର୍ଣିତ *(Annexure-A)* ୦୨ (ଦୁଇ ) ଗୋଟି ଲଘୁ ଖଣିଜ ଦ୍ରବ୍ୟ (ବାଲି-୨ ଗୋଟି) ଉତ୍ସ ଗୁଡିକ ଆସନ୍ତା ୦୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୨ -୨୩ ଆର୍ଥିକ ବର୍ଷ ଠାରୁ ୨୦୨୬ -୨୦୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦୀର୍ଘମିଆଦି ଲିଜ୍ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରଯାଉଅଛି । ଇଚ୍ଛୁକ ବ୍ୟକ୍ତିମାନେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬/**OMMC Rules-2016** ବର୍ଣିତ **Form-M** ରେ ତିନି କିତା ପୂରଣ କରି ତତ୍ ସହିତ ନିମ୍ନଲିଖିତ କାଗଜାତ ଦାଖଲ କରିବା ହେବେ ।

## ଦାଖଲ କରିବାକୁ ଥିବା ଦଲିଲ ବା କାଗଜାତ

୧. ଦରଖାସ୍ତ ଫି ବାବଦକୁ ଟ.୧୦୦୦.୦୦( ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ **(Head of Account:"0853-Non-Ferrous Mining and Metallurgical Industry-102-Mineral Concession Fees, Rent & Royalties") 0217-Receipts under Odisha Minor Mineral Concession Rules-02021-Collection of Fees, Rents and Royalty** ଦାଖଲ କରିବେ । ( ଦରଖାସ୍ତ ଫି ଫେରସ୍ତନୁହେଁ)

୨. ଆବେଦନ କରିଥିବା ସୈରାତ ଉତ୍ସର ନାମ ତଫସିଲ , ନକ୍ସା ଓ ସରହଦର ସଂପୂର୍ଣ୍ଣ ବିବରଣୀ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାଇ କୌଣସି ଖଣିଜ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ ।

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଆବେଦନକାରୀ ଦର୍ଶାଇଥିବା ଅତିରିକ୍ତ ଦେୟ ଓ ରୟାଲିଟିର **ଶତକଡା ୫** ଭାଗ **EMD(Earnest Money Deposit )** ତହସିଲଦାର, ଝୁମ୍ପୁରାଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ଦରଖାସ୍ତ ସହ ସଂଲଗ୍ନ କରିବେ, ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ । ବ୍ୟାଙ୍କ ଡ୍ରାଫ୍ଟଟି **in favour of Tahasildar Jhumpura and payable at SBI, Keonjhar** ହେବା ଆବଶ୍ୟକ ।

୫. ଖଣିଜ ପଦାର୍ଥର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ Minimum Guarantee Quantity (MGQ) ରୟାଲଟି ଏବଂ ଅତିରିକ୍ତ ଦେୟ ପରିମାଣର ସମାନ ଅର୍ଥର Bank Guarantee (18 ମାସ ନିମନ୍ତେ ବୈଧ ରହିଥିବା ) କିମ୍ବା ପୂର୍ବ ବର୍ଷର IT Return (ଯାହାର ମୂଲ୍ୟ ଦର୍ଶଯାଇଥିବା ବାର୍ଷିକ ରୟାଲଟି ଏବଂ ଅତିରିକ୍ତ ଦେୟ ଠାରୁ ଅଧିକ ରହିଥିବ ) ସଂଲଗ୍ନ କରିବାକୁ ହେବ ।

୬. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି(Immovable Property) ତାଲିକା । ଯଦି ଦରଖାସ୍ତକାରୀ ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା- ବୈଷୟିକ ଜ୍ଞାନ, ଅଭିଜ୍ଞତା, ଦକ୍ଷତା, ପାଖରେ ଥିବା ଯନ୍ତ୍ରସମୂହ ଓ ଆର୍ଥିକସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।

୭. ଗତ ବର୍ଷର ଆୟକର ଦାଖଲ **(Income Tax Return File )** ବିବରଣୀ, **Adhar Card, Pan Card** ର ନକଲ ।

୮. କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଦରଖାସ୍ତକାରି ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏବଂ ଲିଜ୍ ପରିଚାଳନା ସମ୍ପର୍କିତ କୌଣସି ଅଭିଯୋଗ ବା ଦାବି ନଥିବାର ଏକ ସତ୍ୟପାଠ ଦାଖଲ କରିବେ ।

୯. ଦରଖାସ୍ତକାରି ଲଫାପାର ଉପରିଭାଗରେ ବଡ ଅକ୍ଷରରେ କେଉଁ ସୈରାତ୍ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଦରଖାସ୍ତକାରୀଙ୍କ ନାମ, ସମ୍ପୂର୍ଣ ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

୧୦. କେନ୍ଦୁଝର ଜିଲ୍ଲାର ଅନ୍ୟ କୌଣସି ତହସିଲ ଦ୍ଵାରା କଳା ତାଲିକା ଭୁକ୍ତ ହୋଇଥିବା ବ୍ୟକ୍ତି ଅଂଶ ଗ୍ରହଣ କଲେ ଦରଖାସ୍ତକୁ ଖାରଜ କରାଯିବ ।

(ସର୍ତ୍ତାବଳୀର ବିବରଣୀ କେନ୍ଦୁଝର ଜିଲ୍ଲାର website: **www.kendujhar.nic.in** କିମ୍ବା ତହସିଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଉପଲବ୍ଧ ଅଟେ)

## ଆବେଦନ ପ୍ରକ୍ରିୟା

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ ଲଫାପାରେ **Registered Post /Speed Post** ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ **ଟେଣ୍ଡର ବାକ୍ସରେ** ବ୍ୟକ୍ତିଗତ ଭାବେ ତା.୧୦.୦୮.୨୦୨୨ ରିଖ ଠାରୁ ତା.୨୯.୦୮.୨୦୨୨ **ରିଖ** ସକାଳ ପୂର୍ବାହ୍ନ **୧୦.୦୦** ଘଟିକା ଠାରୁ ଅପରାହ୍ନ **୫.୩୦** ଘଟିକା ସୁଦ୍ଧା ଯେ କୌଣସି କାର୍ଯ୍ୟଦିବସରେ ଧାର୍ଯ୍ୟ ସମୟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ଉପରୋକ୍ତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣିୟ ନୁହେଁ। ତା.୩୦.୦୮.୨୦୨୨**ରିଖ** ପୂର୍ବାହ୍ନ **୧୧.୩୦ ଘଟିକା** ସମୟରେ ଦରଖାସ୍ତ ଗୁଡିକର ଆବେଦନକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବାକ୍ସ ଖୋଲାଯାଇ, ରେଜିଷ୍ଟ୍ରି ଡାକ /Speed post ମାଧ୍ୟମରେ ଗ୍ରହଣ କରାଯାଇଥିବା ଏବଂ ଟେଣ୍ଡର ବାକ୍ସରେ ବ୍ୟକ୍ତିଗତ ଭାବରେ ଦାଖଲ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ ଦରଖାସ୍ତକୁ ବାତିଲ କରାଯିବ। ଉପରୋକ୍ତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

**ଆବେଦନ କରିବାର ଠିକଣା :** **ତହସିଲଦାରଙ୍କ କାର୍ଯ୍ୟାଳୟ , ଝୁମ୍ପୁରା**
**ଗ୍ରା/ପୋ. ଅ. :- ଝୁମ୍ପୁରା , ଥାନା :- ଝୁମ୍ପୁରା**
**ଜିଲ୍ଲା :-କେନ୍ଦୁଝର , ଓଡ଼ିଶା -୭୫୮୦୩୧**

ଯଦି କୌଣସି କାରଣରୁ **ତା.୩୦.୦୮.୨୨୨**ରିଖରେ ବିଜ୍ଞାପିତ ସୈରାତ ଉତ୍ସ ନିଲାମ ହୋଇନପାରେ ତେବେ **ତା.୦୭.୦୯.୨୦୨୨** ରିଖ ଅପରାହ୍ନ **୫.୩୦ ଘଟିକା** ମଧ୍ୟରେ ଉପରଲିଖିତ ଠିକଣାରେ ରେଜିଷ୍ଟ୍ରି ଡାକ /speed post କିମ୍ବା **ତହସିଲ** କାର୍ଯ୍ୟାଳୟରେ ଥିବା ଜଉମୁଦ ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ **ତା.୦୮.୦୯.୨୦୨୨**ରିଖ ପୂର୍ବାହ୍ନ **୧୧.୩୦** ଘଟିକା ସମୟରେ ଦରଖାସ୍ତ ଗୁଡିକର ଆବେଦନକାରୀ

କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମୁଖରେ ଟେଣ୍ଡର ବାକ୍ସ ଖୋଲାଯାଇ,ବାକ୍ସରେ ଦାଖଲ ହୋଇଥିବା ତଥା ରେଜିଷ୍ଟ୍ରି ଡାକ /speed post ମାଧ୍ୟମରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ ଦରଖାସ୍ତକୁ ବାତିଲ କରାଯିବ।

ପୁନଶ୍ଚ କୌଣସି କାରଣରୁ **ତା.୦୮.୦୯.୨୦୨୨**ରିଖରେ ବିଜ୍ଞାପିତ ସୈରାତ ଉତ୍ସ ଯଦି ନିଲାମ ହୋଇନପାରେ ତେବେ **ତା.୧୫.୦୯.୨୦୨୨**ରିଖ ଅପରାହ୍ନ **୫.୩୦ ଘଟିକା** ମଧ୍ୟରେ ଉପରଲିଖିତ ଠିକଣାରେ ରେଜିଷ୍ଟ୍ରି ଡାକ /speed post କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ **ତା.୧୬.୦୯.୨୦୨୨**ରିଖ ପୂର୍ବାହ୍ନ **୧୧.୩୦ ଘଟିକା** ସମୟରେ ଦରଖାସ୍ତ ଗୁଡିକର ଆବେଦନକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମୁଖରେ ଟେଣ୍ଡର ବାକ୍ସ ଖୋଲାଯାଇ, ବାକ୍ସରେ ଦାଖଲ ହୋଇଥିବା ତଥା ରେଜିଷ୍ଟ୍ରି ଡାକ /speed post ମାଧ୍ୟମରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୂଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ ଦରଖାସ୍ତକୁ ବାତିଲ କରାଯିବ।

## ଚୟନ ପ୍ରକ୍ରିୟା :-

ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ବିଜ୍ଞାପନ ସର୍ତ୍ତାବଳୀକୁ ପୂରଣ କରୁଥିବା ଏବଂ ସର୍ବାଧିକ ଅତିରିକ୍ତ ଦେୟ **(Additional Charge )** ଦର୍ଶାଇଥିବା ଆବେଦନକାରୀଙ୍କୁ ସର୍ବୋଚ୍ଚ ନିଲାମଧାରୀ ଭାବେ ଯୋଗ୍ୟ ବିବେଚିତ କରାଯିବ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ରୟାଲିଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

## ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ **( OMMC Rules-2016)** ଓ ସମୟ କ୍ରମେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ଆଇନର ପରିସରଭୁକ୍ତ ରହିବେ ।

୨. ଆବେଦନକାରୀ ଲିଜ୍ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ଉତ୍ସ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ,ଗଚ୍ଛିତ ଲଘୁ ଖଣିଜ ଥିବା ପଦାର୍ଥ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ୍ ନିମିତ୍ତ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ ।

୩. ଲିଜ୍ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୪. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫. ସର୍ବୋଚ୍ଚ ନିଲାମଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ର ମୂଲ୍ୟ ଦାଖଲ କରିବେ ଏବଂ ନିଜ ଖର୍ଚ୍ଚରେ **EC** ଦାଖଲ କରିବେ ନଚେତ ଲିଜ୍ ବାତିଲ କରାଯିବ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ **Mining Plan** କିମ୍ବା ମାଇନିଙ୍ଗ ପ୍ଲାନ ର ମୂଲ୍ୟ ଓ **Environmental Clearance** ଦାଖଲ ନକଲେ ଅମାନତ ରାଶି ବାଜ୍ୟାପ୍ତ କରାଯିବ ।

୬. ବାଲି ପାଇଁ ସର୍ବ ନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଘନ ମିଟର ପ୍ରତି **୩୫.୦୦** ଟଙ୍କା ଓ ସର୍ବ ନିମ୍ନ ଅତିରିକ୍ତ ଦେୟ ମୂଲ୍ୟ ଘନ ମିଟର ପ୍ରତି ୨୧୦.୦୦ ଟଙ୍କା ଓ ୧୦୦.୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ।

୭. ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବ ନିମ୍ନ ଅତିରିକ୍ତ ଦେୟ **(Minimum Additional Charge )** ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ବ୍ୟକ୍ତି କିମ୍ବା ଆବଶ୍ୟକୀୟ ଦଲିଲ ସଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

୮. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ, ତେବେ ସେହି ଉତ୍ସ ପାଇଁ ଉକ୍ତ ଦିନ ନିଲାମ କରାଯିବ ନାହିଁ । ବିଜ୍ଞାପନରେ ଉଲ୍ଲେଖିତ ପରବର୍ତୀ ତାରିଖରେ ନିଲାମ କାର୍ଯ୍ୟ ସମ୍ପାଦିତ କରାଯିବ ।

୯. ମନୋନୀତ ନିଲାମଧାରୀ **(Selected Bidder)**, ରୟାଲିଟି**(MGQ X (Govt. Royalty+**ଆବେଦନକାରୀ ଦର୍ଶାଇଥିବା ଅତିରିକ୍ତ ଦେୟ**))**, ଡେଡ ରେଣ୍ଟ **(Dead Rent)**, ସର୍ଫେସ୍ ରେଣ୍ଟ **(Surface Rent)** ଓ ଜିଲ୍ଲା ଖଣିଜ ପାଣ୍ଠି **(District Mineral Foundations)** ବାବଦରେ ଦେବାକୁ ଥିବା ଦେୟ ର ଏକ ଚତୁର୍ଥାଂଶ ରୁ ଦରଖାସ୍ତ ସମୟରେ ଦାଖଲ ହୋଇଥିବା **Earnest Money** କୁ ବାଦ ଦେଇ ବଳକା ଥିବା ରାଶି କୁ ଅମାନତ ରାଶି ହିସାବରେ ଜମା କରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇ ଥିବା **Earnest Money** କୁ ଏକତ୍ର କରି ସୁଧ ରହିତ **(Interest free)** ଅମାନତ ରାଶି **(Security Deposit)** ଭାବରେ ରଖାଯିବ ।

୧୦. ଯଦି ମନୋନୀତ ବ୍ୟକ୍ତି **FORM-F** ପାଇବାର ପନ୍ଦର ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି ତେବେ ଦ୍ୱୀତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୧୧. ନିଲାମଧାରୀଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟା ରେ ଅଂଶଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ **Earnest Money** ଓ ବ୍ୟାଙ୍କ ପ୍ରତ୍ୟାଭୂତି **(Bank Guarantee)** ଫେରସ୍ତ କରାଯିବ ।

୧୨. ନିଲାମଧାରୀ ସମସ୍ତ **(Clearance )** ଦେୟ ଜମା କରିବା ପରେ ସେ ଫର୍ମ – ନ ( **Form-N)** ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚ ରେ ଏହାକୁ ରେଜିଷ୍ଟ୍ରେଶନ **(Registration Act, 1908** ଓ **Stamp Act, 1899)** ଅନୁଯାୟୀ ଚୁକ୍ତିପତ୍ର ସମ୍ପାଦନ କରିବେ ।

୧୩. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶି ବ୍ୟାଜ୍ୟାପ୍ତ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିବ ।

୧୪. ଲିଜଧାରୀ ଦାଖଲ କରୁଥିବା ଦେୟ ଯଥା-**Royalty, Dead Rent, Surface Rent, DMF, Additional Charge** ଓ ଅନ୍ୟାନ୍ୟ ଦେୟ ର ୨ % ଆୟକର (TDS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ । ଏହା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ। ଲିଜଧାରୀ ପରିବେଶ ପରିଚାଳନା ପାଇଁ ବାର୍ଷିକ **Royalty and**

Additional Charge ଦେୟର ୫ % Odisha Environmental Management Fund ଏବଂ ୧୦ % District Mineral Foundation ପାଇଁ ଚୁକ୍ତି ପୂର୍ବରୁ ଦାଖଲ କରିବେ ।

୧୫. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁଯାୟୀ ସରକାରଙ୍କ ଦ୍ବାରା ଧାର୍ଯ୍ୟ କରାଯାଇଥିବା ଏବଂ ଲିଜ୍ ମାଧମରେ ଅନୁବନ୍ଧିତ ଦେୟ ସମୟ ମଧରେ ପଇଠ କରିବେ, ନଚେତ ଏହା ଲିଜ୍ ଶର୍ତାବଳୀ ର ଅବମାନନା ବୋଲି ଧରାଯିବା ଏବଂ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୧୬. ଲିଜ୍ଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ଼ ଦେଇ ଚିହ୍ନଟ କରିବେ ଏବଂ ତାହା ସମ୍ମୁଖରେ ଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ପାଇଁ ଖର୍ଚ୍ଚ ଲିଜ୍ଧାରୀ ବହନ କରିବେ ।

୧୭. ମନୋନୀତ ନିଲାମଧାରୀ (Selected Bidder) ଲଘୁ ଖଣିଜ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) & (Consent to establish ) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରୁ (Odisha Pollution Control Board ) ନିଜ ଖର୍ଚ୍ଚ ରେ ପ୍ରାପ୍ତ କରିବେ ।

୧୮. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବା । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ୍ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୧୯. ଲିଜ୍ ସମ୍ବଧୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ଅତ୍ର କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ କରାଯିବ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ (www.kendujhar.nic.in ) ରେ ଦେଖି ପାରିବେ ।

୨୦. ନିଲାମ ଦରଖାସ୍ତକାରୀ ମାନେ ତଥା ଲିଜ୍ ଗ୍ରହିତା, **ଓଡ଼ିଶା ଲଘୁ ଖଣିଜ ନିୟମ, ୨୦୧୬**, Mines Act,1952, Explosive Act, 1984 ଏବଂ ତତ ସମ୍ବନ୍ଧିତ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

୨୧. ନିଲମଧାରୀ ଉତ୍ତୋଳିତ ଲଘୁ ଖଣିଜ ଦ୍ରବ୍ୟକୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତି ରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

୨୨. ଲିଜ୍ଧାରୀ ଏକ ସ୍ବତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ର ତ୍ରୟ ମାସିକ ଓ ବାର୍ଷିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୨୩. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର ଓ କ୍ଷମତା ଉକ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ ବାତିଲ ବା ସ୍ଥଗିତ କରିପାରିବେ। ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକସ୍ଥଳେ ଦାଖଲ ହୋଇଥିବା ଜମାରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୨୪. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ରୟାଲଟି ସହ ସର୍ବାଧିକ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବା

୨୫. ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଲିଜ୍ ନ ନେଲେ ତତ୍ ପରବର୍ତ୍ତୀ ରୟାଲଟି ସହ ସର୍ବାଧିକ ଅତିରିକ୍ତ ଦେୟ ପାଇଁ ଦାଖଲ କରିଥିବା ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୨୬. GST Registration Certificate ଦରଖାସ୍ତ ସହ ସଂଲଗ୍ନ କରିବା ବିଧେୟ ।

10.8.22

ତହସିଲଦାର-ତଥା- କ୍ଷମତା ଅଧିକାରୀ, ଝୁମ୍ପୁରା

## Annexure-A

### ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ସୈରାତ ଉତ୍ସ ର ବିସ୍ତାରିତ ବିବରଣୀ ।

| କ୍ରନଂ. | ରାଜସ୍ୱ ମଣ୍ଡଳର ନାମ | ସୈରାତ ଉତ୍ସର ବିବରଣୀ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (ଏକର) | ସର୍ବନିମ୍ନ ରୟାଲଟି ମୂଲ୍ୟ Per CuM | ସର୍ବନିମ୍ନ ଅତିରିକ୍ତ ଦେୟPer CuM | ସର୍ବନିମ୍ନ ଧାର୍ଯ୍ୟ ବାର୍ଷିକ ଉତ୍ତୋଳନ (MGQ) | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି (Earnest Money )ର ପରିମାଣ ( Rs. ) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୦୧ | ଝୁମ୍ପୁରା | ଅର୍ଶଳା ବାଲି ଖଣି | ଅର୍ଶଳା | ୪୦୧ | ୧ | ୧୦.୨୫ | ୩୫ | ୨୧୦ | ୪୧୦୦ | ୮,୬୧,୦୦୦.୦୦. |
| ୦୨ | ଝୁମ୍ପୁରା | ଖେଣ୍ଡରା ବାଲି ଖଣି (ବି୧) | ଖେଣ୍ଡରା | ୨୬୩ | ୨୩୪୫ ଓ ୨୩୪୫/୨ ୩୫୪ | ୧୦.୯୦ | ୩୫ | ୧୦୦ | ୫୮୨୦ | ୫,୮୨,୦୦୦.୦୦ |

10.8.22

ତହସିଲଦାର-ତଥା- କ୍ଷମତା ଅଧିକାରୀ, ଝୁମ୍ପୁରା

ପରିପତ୍ର ସଂଖ୍ୟା- ୨୫୫୦/ତାରିଖ- ୧୦.୦୮.୨୦୨୨

ଏହି ବିଜ୍ଞାପନ ର ଏକାକିତା ନକଲ ଜିଲ୍ଲାପାଳ, କେନ୍ଦୁଝର /ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କେନ୍ଦୁଝରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

10.8.22

ତହସିଲଦାର, ଝୁମ୍ପୁରା

ପରିପତ୍ର ସଂଖ୍ୟା- ୨୫୫୧/ତାରିଖ- ୧୦.୦୮.୨୦୨୨

ଏହି ବିଜ୍ଞାପନ ର ଏକାକିତା ନକଲ ଉପ-ଜିଲ୍ଲାପାଳ, ଚମ୍ପୁଆଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଝୁମ୍ପୁରା

ପରିପତ୍ର ସଂଖ୍ୟା- ୨୫୩୨ /ତାରିଖ 10.08.2022

ଏହି ବିଜ୍ଞାପନ ର ଏକାକିତା ନକଲ କେନ୍ଦୁଝର ଜିଲ୍ଲାର ସମସ୍ତ ତହସିଲଦାର/ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅବଗତି ଏବଂ ସୂଚନା ଫଳକ ରେ ଜନ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

10.8.22

ତହସିଲଦାର, ଝୁମ୍ପୁରା

ପରିପତ୍ର ସଂଖ୍ୟା- ୨୫୩୩/ ତାରିଖ 10.08.2022

ଏହି ବିଜ୍ଞାପନ ର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକ ମଣ୍ଡଳ, ଝୁମ୍ପୁରା ତହସିଲ / ତହସିଲ କାର୍ଯ୍ୟାଳୟ, ଝୁମ୍ପୁରାଙ୍କ ନୋଟିସ ବୋର୍ଡରେ ବହୁଳ ପ୍ରଁସାର ନିମନ୍ତେ ଲଟକାଇବା ପାଇଁ ଅନୁରୋଧ କରାଗଲା।

10.8.22

ତହସିଲଦାର, ଝୁମ୍ପୁରା

ପରିପତ୍ର ସଂଖ୍ୟା-୨୫୩୪ତାରିଖ 10.08.2022

ଏହି ବିଜ୍ଞାପନର ଏକକିତା ନକଲ D.I.O NIC, Keonjhar ଙ୍କୁ ଜିଲ୍ଲା-ୱେବସାଇଟରେ ବହୁଳ ପ୍ରସାର ନିମନ୍ତେ ଅପଲୋଡ କରିବାକୁ ପ୍ରେରଣ କରାଗଲା ।

10.8.22

ତହସିଲଦାର, ଝୁମ୍ପୁରା